# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 23 March - 2024

### News Editor : Satya Narayan Pattnayak

********************************

## ମୁଖ୍ୟ ସମ୍ବାଦ

- ଶକ୍ତି ସଞ୍ଚୟ କରିବା ପାଇଁ ଆଜି ରାତି ସାଢେ ୮ଟାରୁ ଏକ ଘଣ୍ଟା ପାଇଁ ଆର୍ଥ ଆଓ୍ବାର ପାଳନ କରାଯିବ ।
- ନବରଙ୍ଗରପୁର ଜିଲ୍ଲାରେ ନିର୍ବାଚନ ସମ୍ପର୍କୀତ ଆବଶ୍ୟକ ବ୍ୟବସ୍ଥା ଗୁଡିକର ସମୀକ୍ଷା କଲେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ।
- ମହାନ୍ ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂ, ସୁଖଦେବ ଓ ଜୟୀ ରାଜଗୁରୁଙ୍କ ବଳିଦାନ ଦିବସରେ ଦେଶବାସୀ ଦେଲେ ଶ୍ରଦ୍ଧାଞ୍ଜଳି ।

ଏବଂ

- ପାଣିପାଗ ଏବଂ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ଲାଗି ଆଜି ବିଶ୍ୱରେ ପାଳନ କରାଯାଉଛି ପାଣିପାଗ ଦିବସ ।

# ଆର୍ଥ ଆୱାର ଡେ

ଶକ୍ତି ସଂଚୟ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହେବା ନିମନ୍ତେ ଆଜି ସାରା ବିଶ୍ୱରେ ରାତି ସାଢ଼େ୮ଟାରୁ ସାଢ଼େ୯ଟା ମଧ୍ୟରେ ଆର୍ଥ୍ ଆୱାର୍ ପାଳନ କରାଯିବ । ୱାର୍ଲଡ ୱାଇଡ୍ ଫଣ୍ଡ୍ ଫର ନେଚର୍ ସଂସ୍ଥା ପକ୍ଷରୁ ୨୦୦୭ ମସିହାରୁ  ଆରମ୍ଭ କରାଯାଇଥିବା ଏହି ଅଭିଯାନରେ ବର୍ତ୍ତମାନ ୧୮୮ରୁ ଅଧିକ ଦେଶ **ଆର୍ଥ ଆୱାର୍ ଡେ** ରେ ସାମିଲ ହୋଇଛନ୍ତି। ୧ ଘଣ୍ଟା ପାଇଁ ବିଦ୍ୟୁତ ବ୍ୟବହାର ବନ୍ଦ କରି ଶକ୍ତି ସଂଚୟ କରିବା ଏହି ଅଭିନବ ଉପାୟକୁ ଆର୍ଥ ଆୱାର ଡେ କୁହାଯାଏ । ସୂଚନା ଅନୁସାରେ ଗତବର୍ଷ ୧୮୮ରୁ ଅଧିକ ଦେଶର ୧୯୦ ନିୟୁତରୁ ଅଧିକ ଲୋକ ଆର୍ଥ ଆୱାର ଡେ' ପାଳନ କରିଥିଲେ । ଆର୍ଥ ଆୱାର ଡେ ଅବସରରେ ଘର, ଦୋକାନ, କାର୍ଯ୍ୟାଳୟରେ ଆଜି ଏକଘଣ୍ଟା ପାଇଁ ବିଦ୍ୟୁତ୍ ବ୍ୟବହାର ବନ୍ଦ କରିବା ପାଇଁ ସଂସ୍ଥା ତରଫରୁ ନିବେଦନ କରାଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆର୍ଥ ଆୱାର ପାଳନ କରିବାକୁ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି । ବିଦ୍ୟୁତ ସଂରକ୍ଷଣ ତଥା ଏକ ସ୍ଥାୟୀ ପୃଥିବୀ ପାଇଁ ବିଶ୍ୱ ତାପାୟନ ହ୍ରାସ କରିବା ପାଇଁ ଏକ ସଂଗଠିତ ପଦକ୍ଷେପ ନେବା ଲାଗି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

## ବଳିଦାନ ଦିବସ

ମହାନ ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂହ, ସୁକଦେବ ଥାପର ଏବଂ ଜୟ ରାଜଗୁରୁଙ୍କ ବଳିଦାନ ଦିବସ । ଇଂରେଜ ସରକାର ଆଜିର ଦିନରେ ୧୯୩୧ ମସିହାରେ ଏହି ତିନି ମହାନ୍ ଯୋଦ୍ଧାଙ୍କୁ ଫାଶୀ ଦେଇଥିଲେ । ସେମାନଙ୍କର ଦେଶପ୍ରେମ ଏବଂ ବଳିଦାନକୁ ସ୍ମରଣ କରିବା ପାଇଁ ଦେଶରେ ଆଜି ଶହୀଦ ଦିବସ ପାଳନ କରାଯାଉଛି । ଶହୀଦ ଦିବସ ଅବସରରେ ରାଜ୍ୟପାଳ ରଘୁବର ଦାଶ ଏହା ମହାନ୍ ତିନି ଯୋଦ୍ଧାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ମାତୃଭୂମିର ରକ୍ଷା ପାଇଁ ସର୍ବସ୍ୱ ବଳିଦାନ ଦେଇଥିବା ତିନି ବରପୁତ୍ରଙ୍କର ଅଦମ୍ୟ ସାହସ, ଦେଶଭକ୍ତି ଏବଂ ବଳିଦାନ ଦେଶବାସୀଙ୍କୁ ପ୍ରେରଣା ଯୋଗାଉଥିବ ବୋଲି ରାଜ୍ୟପାଳ ସାମାଜିକ ଗଣମାଧ୍ୟମରେ କହିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କର ବାର୍ତ୍ତାରେ କହିଛନ୍ତି ଯେ ଭଗତ ସିଂ, ସୁକଦେବ ଏବଂ ରାଜଗୁରୁଙ୍କ ସାହସ, ନିଷ୍ଠା ଏବଂ ନିସ୍ୱାର୍ଥପର ବଳିଦାନ ପିଢି ପିଢିକୁ ପ୍ରେରଣା ଯୋଗାଇବ ।

## ମାଓ ପ୍ରଭାବିତ ରାଜ୍ୟ

ଦେଶର ୮ଟି ରାଜ୍ୟର ୩୮ଟି ଜିଲ୍ଲାରେ ମାଓବାଦୀଙ୍କର ପ୍ରଭାବ ରହିଛି ବୋଲି ଗୃହ ମନ୍ତ୍ରଣାଳୟର ଏକ ତଥ୍ୟରୁ ଜଣାପଡ଼ିଛି । ସର୍ବାଧିକ ମାଓପ୍ରବଣ ରାଜ୍ୟ ତାଲିକାରେ ଆନ୍ଧ୍ରପ୍ରଦେଶ ପ୍ରଥମ ସ୍ଥାନରେ ଥିବା

ବେଳେ ଓଡ଼ିଶା ୭ ନମ୍ବର ସ୍ଥାନରେ ରହିଛି ବୋଲି ଗୃହମନ୍ତ୍ରଣାଳୟର ବର୍ଗୀକରଣ ତାଲିକାରେ କୁହାଯାଇଛି ।

## ନବରଙ୍ଗପୁର ଜିଲ୍ଲାର ନିର୍ବାଚନ ସମୀକ୍ଷା ବୈଠକ

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଆଜି ନବରଙ୍ଗପୁର ଜିଲ୍ଲା ଗସ୍ତରେ ଆସି ଜିଲ୍ଲାର ନିର୍ବାଚନ ସମ୍ପର୍କୀତ ଆବଶ୍ୟକୀୟ ବ୍ୟବସ୍ଥା ଗୁଡିକର ସମୀକ୍ଷା କରିଛନ୍ତି । ଜିଲ୍ଲା ପରିଷଦ ସଭାଗୃହରେ ଅନୁଷ୍ଠିତ ନିର୍ବାଚନ ପ୍ରସ୍ତୁତି ବୈଠକରେ ଯୋଗଦେଇ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି, ଅଧିକରୁ ଅଧିକ ଯୁବ ଏବଂ ନୂଆ ଭୋଟର ଯେପରି ମତଦାନ ପ୍ରକ୍ରିୟାରେ ଭାଗ ନେଇପାରିବେ ସେଥିପାଇଁ ସଚେତନତା ମୂଳକ କାର୍ଯ୍ୟକ୍ରମ କରାଯିବ । ମୁଖ୍ୟ ନିର୍ବାଚନ ଅଧିକାରୀ ଜିଲ୍ଲାର ବିଭିନ୍ନ ବୁଥ ବୁଲିବା ସହିତ ଭୋଟର ଓ ପ୍ରାର୍ଥୀମାନଙ୍କ ସୁରକ୍ଷା, ଭୋଟିଂ ମେସିନ ରଖାଯାଉଥିବା ଷ୍ଟ୍ରଙ୍ଗରୁମ, ପୋଷ୍ଟାଲ ବାଲାର୍ଟ ସମ୍ପର୍କରେ ଜିଲ୍ଲା ପ୍ରଶାସନ ନେଇଥିବା ପଦକ୍ଷେପ ଉପରେ ବିସ୍ତୃତଭାବେ ଆଲୋଚନା କରିଥିଲେ । ବୈଠକରେ ଜିଲ୍ଲାପାଳ ଡକ୍ଟର କମଳଲୋଚନ ମିଶ୍ର, ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ସଞ୍ଜୟ କୁମାର, ଡିଆଇଜି ଚରଣ ସିଂ ମିନାଙ୍କ ସହିତ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ସୁବର୍ଣ୍ଣପୁର ନିର୍ବାଚନ ମଣ୍ଡଳୀ

ସୁବର୍ଣ୍ଣପୁର ଜିଲ୍ଲାରେ ପଞ୍ଚମ ପର୍ଯ୍ୟାୟରେ ଆସନ୍ତା ମେ ମାସ ୨୦ତାରିଖରେ ଭୋଟ ଗ୍ରହଣ ହେବ l ପଞ୍ଚମ ପର୍ଯ୍ୟାୟରେ ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁର ଓ ସୋନପୁର ବିଧାନସଭା ମଣ୍ଡଳୀ ସହିତ ବଲାଙ୍ଗୀର ସଂସଦୀୟ କ୍ଷେତ୍ରର ଏହି ଦୁଇଟି ନିର୍ବାଚନ ମଣ୍ଡଳୀ ପାଇଁ ଶାନ୍ତି ଶୃଙ୍ଖଳାରେ ମତଦାନ କରାଯିବା  ଲାଗି ଜିଲ୍ଲା ପ୍ରଶାସନଙ୍କ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି l ଏ ସମ୍ପର୍କରେ ଆମର ସୁବର୍ଣ୍ଣପୁର ପ୍ରତିନିଧି ବେଣୁଧର ପ୍ରଧାନଙ୍କର ଏକ ରିପୋର୍ଟ -

## - V/O –

## ପର୍ଯ୍ୟଟନ

ରାଜ୍ୟରେ ପରିବେଶ ପର୍ଯ୍ୟଟନକୁ ବ୍ୟାପକ କରିବା ପାଇଁ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଯୋଜନା ପ୍ରସ୍ତୁତ କରୁଥିବା ଜଣାପଡ଼ିଛି l ମିଳିଥିବା ସୂଚନା ଅନୁସାରେ କୋରାପୁଟ ଜିଲ୍ଲାର ଦେଓମାଳୀ ପାହାଡ଼, ନୟାଗଡ଼ର ସିଦ୍ଧମୂଳା, ଗଜପତିର ମହେନ୍ଦ୍ରଗିରି ପାହାଡ଼, କଳାହାଣ୍ଡିର ଜାକାମ, ମୟୂରଭଞ୍ଜର ନଓ୍ୱାନ୍, ବୌଦ୍ଧର କୁଲାରୀଗୁଡ଼ ଏବଂ କଟକ ଜିଲ୍ଲା ସାତକୋଶିଆ ଡିଭିଜନର ବାଲିପୁଟ, ଜଗତସିଂହପୁର ଜିଲ୍ଲାର ଧଳଟାନଗଡ଼ ପରିବେଶ ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ କେନ୍ଦ୍ର ସରକାର ଯୋଜନା

କରୁଛନ୍ତି । ରାଜ୍ୟରେ ବର୍ତ୍ତମାନ ୨୦ଟି ଜିଲ୍ଲାର ୫୦ଟି ପରିବେଶ ପର୍ଯ୍ୟଟନସ୍ଥଳର ବିକାଶ କରାଯାଇଛି ।

## ନାମଲେଖା

ଶିକ୍ଷା ଅଧିକାର ଆଇନ ଅଧୀନରେ ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାମାନଙ୍କୁ ବେସରକାରୀ ବିଦ୍ୟାଳୟ ଗୁଡ଼ିକରେ ମାଗଣା ଶିକ୍ଷା ଦେବା କାର୍ଯ୍ୟକ୍ରମ ଅନୁସାରେ ରାଜ୍ୟର ୧୭ ହଜାର ୨୩୫ ଜଣ ଛାତ୍ରଛାତ୍ରୀ ପ୍ରଥମ ପର୍ଯ୍ୟାୟରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଗଣଶିକ୍ଷା ବିଭାଗର ସୂଚନା ଅନୁସାରେ ଏହି ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀମାନେ ଚଳିତମାସ ୨୭ ତାରିଖରୁ ଆସନ୍ତା ଏପ୍ରିଲ୍ ମାସ ୬ ତାରିଖ ମଧ୍ୟରେ ଘରୋଇ ବିଦ୍ୟାଳୟ ଗୁଡ଼ିକରେ ନାମ ଲେଖାଇ ପାରିବେ । ରାଜ୍ୟର ୩ ହଜାର ୩୩୧ ଘରୋଇ ବିଦ୍ୟାଳୟ ଗୁଡ଼ିକରେ ଆର୍ଥିକ ଅନଗ୍ରସର ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ମୋଟ୍ ୪୧ ହଜାର ୩୩୩ଟି ସିଟ୍ ସଂରକ୍ଷିତ ରଖାଯାଇଛି । ହେଲେ ନାମ ଲେଖାଇବା ପାଇଁ ୩୦ ହଜାର ୪୨୩ ଜଣ ଛାତ୍ରଛାତ୍ରୀ ଅନ୍‌ଲାଇନ୍ ଆବେଦନ କରିଥିଲେ । ଯୋଗ୍ୟତା ଏବଂ ପ୍ରମାଣପତ୍ର ଯାଞ୍ଚ ଭିତ୍ତିରେ ପ୍ରଥମ ପର୍ଯ୍ୟାୟରେ ୧୭ ହଜାର ୨୩୫ ଜଣଙ୍କୁ ନାମଲେଖା ପାଇଁ ଚୟନ କରାଯାଇଛି ।

## ଦୋଳପୂର୍ଣ୍ଣିମା

ଦୋଳପର୍ବ ପାଇଁ ରାଜ୍ୟର ସମସ୍ତ ସହର ସମେତ ପୁରପଲ୍ଲୀରେ ଚଳଚଞ୍ଚଳ ହୋଇଉଠିଛି । ରାଧାକୃଷ୍ଣଙ୍କୁ ସୁସଜ୍ଜିତ ବିମାନରେ ନିଆଯାଇ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଉଛି । ଏହି ଅବସରରେ ବିଭିନ୍ନ ଗ୍ରାମରେ ଦୋଳମେଲଣ ଅନୁଷ୍ଠିତ ହେଉଛି । ମେଲଣ ମଧ୍ୟରେ କଟକ ସଦର ଥାନା ଅନ୍ତର୍ଗତ ଅରିଲୋର ବହୁ ପୁରାତନ ରାଜଦୋଳ ମେଲଣ, ଜିଗ୍ନିପୁର ବ୍ରହ୍ମକ୍ଷେତ୍ର ପୀଠ ଶ୍ରୀ ଶ୍ରୀ ବଳଦେବଜୀଉଙ୍କର ଦୋଳ ମେଲଣ, ଚୌଦ୍ୱାରର ରାଧାମୋହନ ଜୀଉଙ୍କ ଦୋଳଉତ୍ସବ, ଆଠଗଡର କୁଲେଇଲ ପଞ୍ଚାୟତ ପାଟଲିଙ୍ଗି ଗ୍ରାମରେ ରାଧାକୃଷ୍ଣଙ୍କ ମେଲଣ ଅନ୍ୟତମ ।

## ଦୁର୍ଘଟଣା

ଯାଜପୁର ଜିଲ୍ଲା ଅନ୍ତର୍ଗତ କଳିଙ୍ଗନଗର ଥାନା ଅଞ୍ଚଳରେ ଏକ ସଡକ ଦୁର୍ଘଟଣାରେ ତିନିଜଣଙ୍କ ମୃତ୍ୟୁ ଘଟିଛି । ଭାରସାମ୍ୟ ହରାଇ ଗୋଟିଏ ବାଇକ ଟ୍ରକକୁ ଧକ୍କା ଦେବା ଫଳରେ ଏହି ଦୁର୍ଘଟଣା ଘଟିଥିଲା ।

## ଝାଡାବାନ୍ତି

ସମ୍ବଲପୁର ଜିଲ୍ଲା ହୀରାକୁଦ ଅଞ୍ଚଳରେ ଝାଡାବାନ୍ତି ବ୍ୟାପିବା ଯୋଗୁଁ ୧୨୭ଜଣ ଆକ୍ରାନ୍ତ ହୋଇ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଗୁରୁତର ଆକ୍ରାନ୍ତଙ୍କୁ ବୁର୍ଲା ବଡଡାକ୍ତରଖାନାକୁ ଅଧିକ ଚିକିତ୍ସା ନିମନ୍ତେ ସ୍ଥାନାନ୍ତରିତ କରାଯାଇଛି । ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ

ସୂଚନା ଅନୁସାରେ ଝାଡାବାନ୍ତି ବ୍ୟାପିଥିବା ଅଞ୍ଚଳରେ ପାଣି ଓ ପରିମଳ ନମୁନାକୁ ପରୀକ୍ଷା କରିବା ପାଇଁ ପଦକ୍ଷେପ ଆରମ୍ଭ ହୋଇଛି ।

## ରିଜର୍ଭ ବ୍ୟାଙ୍କ-ଛୁଟି

ଚଳିତ ଆର୍ଥିକ ବର୍ଷର ଶେଷ ଦୁଇ ଦିନ ୩୦ ଓ ୩୧ତାରିଖ ଦିନ ଭାରତୀୟ ରିଜର୍ଭ ବ୍ୟାଙ୍କ କାର୍ଯ୍ୟାଳୟ ଗୁଡିକ ଖୋଲା ରହିବ । ଏହି ଦୁଇଦିନ ଶନିବାର ଏବଂ ରବିବାର ଥିଲେ ମଧ୍ୟ ସରକାରୀ ଦେୟ ଓ ପୈଠକୁ ସୁବିଧାଜନକ କରିବା ଲାଗି ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ସେହିପରି ଚଳିତମାସର ଶେଷ ଦିନ ଦେଶର ସମସ୍ତ ବ୍ୟାଙ୍କ ଖୋଲା ରହିବ ବୋଲି ପୂର୍ବରୁ ରିଜର୍ଭ ବ୍ୟାଙ୍କ କହିଛି ।

## ବିଶ୍ୱ ପାଣିପାଗ ଦିବସ

ମନୁଷ୍ୟ ସମାଜକୁ ପାଣିପାଗ ଏବଂ ଏଥିସହିତ ଜଡ଼ିତ ଜଳବାୟୁ ପରିବର୍ତ୍ତନ ବାବଦରେ ସଚେତନତା ସୃଷ୍ଟି କରିବା ଲାଗି ୧୯୬୧ ମସିହା ପରଠାରୁ ପ୍ରତିବର୍ଷ ଆଜିର ଦିନକୁ ବିଶ୍ୱ ପାଣିପାଗ ଦିବସ ଭାବେ ପାଳନ କରାଯାଉଛି । ୧୯୫୦ ମସିହା ଆଜିର ଦିନରେ ସ୍ୱିଜରଲ୍ୟାଣ୍ଡର ଜେନେଭା ଠାରେ ବିଶ୍ୱ ପାଣିପାଗ ବିଭାଗ ଗଠନ କରାଯାଇଥିଲା । ଏହାକୁ ମନେ ରଖିବା ପାଇଁ ଏହି ଦିବସ ପାଳନର ଅନ୍ୟ ଏକ ମୂଳ ଲକ୍ଷ୍ୟ । ପ୍ରାକୃତିକ ବିପର୍ଯ୍ୟୟ, ଜଳବାୟୁ ଗବେଷଣା, ବନ୍ୟା, ବାତ୍ୟା, ଭୂମିକମ୍ପ ଏବଂ ବାୟୁମଣ୍ଡଳରେ ହେଉଥିବା ପରିବର୍ତ୍ତନ ଆଦି ବିଷୟଗୁଡ଼ିକ ଉପରେ ବିଶ୍ୱ ପାଣିପାଗ

ସଂଗଠନ ନିରନ୍ତର ଭାବେ ଗବେଷଣା ଜାରି ରଖିଛି । ବିଭିନ୍ନ ଦେଶରେ ପାଣିପାଗ ଦିବସ ପାଳନ ଅବସରରେ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବା ସହିତ ବୈଜ୍ଞାନିକମାନେ ସେମାନଙ୍କର ସୁଚିନ୍ତିତ ବିଚାରଧାରାକୁ ଉପସ୍ଥାପିତ କରିଥାନ୍ତି ।